## ସଂକ୍ଷେପରେ

### ଭାଲୁ କାମୁଡ଼ାରେ ଯୁବକ ଗୁରୁତର

ମାଲକାନଗିରି,୨୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଭାଲୁ କାମୁଡ଼ାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଖଇରପୁଟ ବ୍ଲକ୍ ଅନ୍ତର୍ଗତ କଦମଗୁଡ଼ା ପଞ୍ଚାୟତ ଚେପୁଲପଡ଼ା ଗ୍ରାମର ଶ୍ୟାମଳ ସୀସା (୩୭) ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଗୁରୁତର ହୋଇ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଯାଇଥିଲେ। ଫଳରେ ଭାଲୁଟି ସେଠାରୁ ପଳାଇଯିବା ପରେ ଗୁରୁତର ଶ୍ୟାମଳଙ୍କୁ ଲୋକେ ଉଦ୍ଧାରକରି ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

### ୭ କୁଇଣ୍ଟାଲ ଗଞ୍ଜେଇ, ହାଇୱା ଜବତ

ବୈପାରିଗୁଡ଼ା,୨୬।୮ (କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ା ପୋଲିସ ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏକ ହାଇୱାରୁ ୭ କୁଇଣ୍ଟାଲ ଗଞ୍ଜେଇ ଜବତକରି ନଂ. ୧୯୭/୨୪ରେ ମାମଲା ରୁଜୁ କରିଛି। ହାଇୱା (ନଂ. ଓଡି ୨୪ ବି ୦୭୮୬) ରବିବାର ରାତିରେ ଦିଗାପୁର–ଜୟପୁର ରାସ୍ତା ପୂଜାରିପୁଟ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ି ଚାଳକ ଓ ଅନ୍ୟମାନେ ଫେରାର ହୋଇ ଯାଇଥିଲେ । ସୋମବାର ପୋଲିସ ତଲାସି ବେଳେ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବାକୁ ପାଇ ଜବତ କରିଥିଲା।

# ରାସ୍ତା ସମସ୍ୟା ଯୋଗୁ ଧାନରୋଇ ପ୍ରତିବାଦକଲେ ଲୋକେ


ଗ୍ରାମବାସୀ ରାସ୍ତାରେ ଧାନ ରୋଇ ପ୍ରତିବାଦ କରୁଛନ୍ତି ।

ମାଲକାନଗିରି,୨୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଶୋଚନୀୟ ହୋଇପଡ଼ିଥିବା କାଦୁଅ ରାସ୍ତାରେ ଧାନ ରୋଇ ଲୋକେ ପ୍ରତିବାଦ କରିଛନ୍ତି। ଜିଲା ସଦର ବ୍ଲକ୍‌ରେ ଥିବା ତାଳଗୁଡ଼ା ଗ୍ରାମକୁ ସଂଯୋଗ ରାସ୍ତାର ଅବସ୍ଥା ଶୋଚନୀୟ ଥିବା ବେଳେ ସତୀଗୁଡ଼ା ଜଳ ସେଚନ ବିଭାଜନ ତରଫରୁ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା। ଏହାପରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହି ରାସ୍ତା କାମ କିଛି ମାତ୍ରାରେ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ କିଛି ଅଂଶ ଏପର୍ଯ୍ୟନ୍ତ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହା ପାଣି କାଦୁଅରେ ଭର୍ତ୍ତି ହୋଇଥିବାରୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଦୃଷ୍ଟି ଦେଉ ନ ଥିବାରୁ ପ୍ରତିବାଦକରି ରାସ୍ତାରେ ଧାନ ରୋଇଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସତୀଗୁଡ଼ାଠାରୁ ତାଳଗୁଡ଼ା ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ତାଳଗୁଡ଼ା ଗ୍ରାମବାସୀ ଜଳଭଣ୍ଡାର ଉପର ରାସ୍ତା ଦେଇ ପ୍ରାୟ ୩ କି.ମି.ଅତିକ୍ରମକରି ମାଲକାନଗିରି ଆସିବାକୁ ପଡୁଛି। ଏଠାରେ କନ୍ୟାଶ୍ରମ ରହିଛି, ଏହି ଆଶ୍ରମକୁ ପ୍ରତିଦିନ ଶିକ୍ଷୟିତ୍ରୀ ଶିକ୍ଷକ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ଭାରିଯାନ ତଥା ଆମ୍ବୁଲାନ୍ସ ମଧ ଯାଇପାରୁନାହିଁ । ଜରୁରିକାଳୀନ ପରିସ୍ଥିତିରେ ଏହି ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସିନ୍ଧ୍ରିମାଳ ସରପଞ୍ଚ ଘାସି ନାୟକ ଅଭିଯୋଗ କରିଛନ୍ତି ।

# ସଂସ୍କୃତ ମହୋତ୍ସବ ଉଦ୍‌ଯାପିତ

କୋରାପୁଟ,୨୬।୮ (ଅମିତାଭ ବେହେରା)

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସପ୍ତାହବ୍ୟାପୀ ସଂସ୍କୃତ ମହୋତ୍ସବ ସୋମବାର ଶେଷ ହୋଇଯାଇଛି। ସଂସ୍କୃତ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ବେଶ୍ ଉତ୍ସାହିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀସ୍ଥିତ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଓ ସମ୍ମାନିତ ଅତିଥି ସିୟୁଓର ଉପଦେଷ୍ଟା ପ୍ରଫେସର ଭି.ସି. ଝା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର, ଭାଷା ବିଦ୍ୟାଳୟର ଡିନ୍ ଏବଂ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ନରସିଂହ ଚରଣ ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଭରତ କୁମାର ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୀ ବିଭାଗ ମୁଖ୍ୟ ଡ. ଚକ୍ରଧର ପ୍ରଧାନ ଏବଂ ଇଂଲିଶ ଅଧ୍ୟାପକ ଡ. ଟି. ଅଞ୍ଜାନେୟୁଲୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଦିକ ମନ୍ତ୍ର ସହ ଦୀପ ପ୍ରଜ୍ୱଳନ ସାଙ୍ଗକୁ ଉତ୍ସବ ଆରମ୍ଭ ହୋଇଥିଲା। ପ୍ରଫେସର ନରସିଂହ ଚରଣ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଂସ୍କୃତ ବିଭାଗର ୨ ଜଣ ଛାତ୍ରୀଛାତ୍ର ସଂସ୍କୃତର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିବା ବେଳେ ଅନ୍ୟ ୨ ଜଣ ଶ୍ଳୋକ ପାଠକରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।

ମୁଖ୍ୟ ଅତିଥି ପ୍ରଫେସର ବନମାଳୀ ବିଶ୍ୱାଳ ତାଙ୍କ ଅଭିଭାଷଣରେ ପ୍ରାଚୀନ ଶାସ୍ତ୍ରରୁ ଉଦାହରଣ ନେଇ ସଂସ୍କୃତର ମହତ୍ତ୍ୱ ଓ ବିଭିନ୍ନ ବୈଜ୍ଞାନିକ କ୍ଷେତ୍ରରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଭି.ସି.ଝା ସଂସ୍କୃତ ସାହିତ୍ୟ ଉପରେ ନିଜର ମତ ରଖିଥିଲେ। ସପ୍ତାହ ସାରା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଶ୍ଳୋକାବୃତ୍ତି (ପାଠ), ପ୍ରବନ୍ଧ ଲେଖା, ଭାଷଣ, ଚିତ୍ରାଙ୍କନ ଓ ରଙ୍ଗୋଲି ସମେତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ମହୋତ୍ସବରେ ଶ୍ରେଷ୍ଠ ୩ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ସଞ୍ଜୀବ ସରକାର, ଡ. ନବୀନ କୁମାର ପ୍ରଧାନ, ଡ. ଦେବାଶିଷ କର୍ମାକର, ଡ. ବୀରେନ୍ଦ୍ର କୁମାର ଷଡ଼ଙ୍ଗୀ ଓ ସତ୍ୟବ୍ରତ ମିଶ୍ରଙ୍କ ସମେତ ସଂସ୍କୃତ ବିଭାଗର ସମସ୍ତ ଅଧ୍ୟାପକ ଉପସ୍ଥିତ ରହି ସହଯୋଗ କରିଥିଲେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ସୁକ୍‌ମାରେ ସିଆର୍‌ପିଏଫ୍ ପକ୍ଷରୁ ଜଗନ୍ନାଥଙ୍କ ପ୍ରତିମା ସ୍ଥାପନ


ସିଆର୍‌ପିଏଫ୍ ପକ୍ଷରୁ ଜଗନ୍ନାଥଙ୍କ ପ୍ରତିମା ସ୍ଥାପନ ପାଇଁ ନିଆଯାଉଛି ।

ମାଲକାନଗିରି,୨୬।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ସୁକ୍‌ମା ଜିଲାରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶ ଅନୁଯାୟୀ ସବରୀନଗର ସୁକ୍‌ମା ପରିସରରେ ଜଗନ୍ନାଥଙ୍କ ପ୍ରତିମା ସ୍ଥାପନ କରାଯାଇଥିଲା। ପୁରୀରେ ଭଗବାନ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପ୍ରତି ବର୍ଷ ଆୟୋଜିତ ହୋଇଥାଏ। ଏହି ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ ରଥ ମୁଖ୍ୟାଳୟ ପରିସରରୁ ଶ୍ରୀନଗର ସୁକ୍‌ମା ଆଖପାଖରେ ଭ୍ରମଣ ଲାଗି ଯାଇଥିଲା। ଏଥିରେ ଅଧିକାରୀ, ଯବାନ ତଥା ନିକଟସ୍ଥ ନାଗରିକମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସିଆର୍‌ପିଏଫ୍‌ର ଦ୍ୱିତୀୟ, ବାଟାଲିୟନ ଦ୍ୱାରା ଭଜନ କୀର୍ତ୍ତନ ମନ୍ଦିରରେ ଆୟୋଜିତ ହୋଇଥିଲା। ଏହା ସହ ବାହିନୀ ମୁଖ୍ୟାଳୟ , ସବରୀ ନଗର, ସୁକ୍‌ମାରେ ଲଙ୍ଗରର ମଧ ବ୍ୟବସ୍ଥା କରାଯାଇଥିଲା । ଏଥିରେ ପ୍ରାୟ ୧୫୫ ଯୁବକ, ବାଳିକା, ପୁରୁଷ ଏବଂ ଶିଶୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଦ୍ୱିତୀୟ ବାଟାଲିୟନ, ସିଆର୍‌ପିଏଫ୍‌ର ଡାକ୍ତର ପଙ୍କଜ କୁମାର, ବରିଷ୍ଠ ମେଡିକାଲ ଅଫିସର ପୱନ କୁମାର, ଦ୍ୱିତୀୟ କମାଣ୍ଡିଂ ଅଫିସର ଅନମି ଶରଣ, ଦ୍ୱିତୀୟ କମାଣ୍ଡିଂ ଅଫିସର ଗ୍ୟାନେସ ପ୍ରତାପ ସିଂ, କମାଣ୍ଡାଣ୍ଟ ଏବଂ ଅନ୍ୟ ଅଧିକାରୀ ଯବାନ ଉପସ୍ଥିତ ଥିଲେ। ଶେଷରେ ଜଗନ୍ନାଥଙ୍କ ବିଗ୍ରହ ସ୍ଥାପନକୁ ସଫଳ କରିବା ପାଇଁ ମୁଖ୍ୟାଳୟରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ, ଅଧୀନସ୍ଥ ଅଧିକାରୀ ଏବଂ ଯବାନମାନଙ୍କୁ ରତିକାନ୍ତ ବେହେରା, କମାଣ୍ଡାଣ୍ଟ ଅଭିନନ୍ଦନ ଜଣାଇଛନ୍ତି।

# ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ୍ଲିନିକ୍ ଉପରେ ଚଢ଼ାଉ

କୋରାପୁଟ,୨୬।୮ (ଅମିତାଭ ବେହେରା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ଅଞ୍ଚଳରେ ଗତ ୩ ଦିନ ମଧ୍ୟରେ ୨ ଜଣ ଡେଙ୍ଗୁରେ ମତ୍ୟୁ ପରେ କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ଆକ୍ସନ ମୋଡକୁ ଆସିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ନାରାୟଣପାଟଣା ବ୍ଲକ ସଦରରେ ଥିବା ଚୌଧୁରୀ ଡାଇଗୋନୋଷ୍ଟିକ କେନ୍ଦ୍ର ଉପରେ ଚଢ଼ାଉ କରାଯାଇ କାଗଜପତ୍ର ଯାଞ୍ଚ କରାଯାଇଛି । କୋରାପୁଟ ଜିଲା ମୁଖ୍ୟ ଚିକତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ ଦାସଙ୍କ ନେତୃତ୍ୱରେ ଅତିରିକ୍ତ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ନୀଳମାଧବ ଶତପଥୀ (ପରିବାର କଲ୍ୟାଣ)ଙ୍କ ସମେତ ଏକ ଟିମ୍ ଓ ନାରାୟଣପାଟଣା ଚିକିତ୍ସା ଅଧିକାରୀ ବିମଲ ବାଘ ଚୌଧୁରୀ ଡାଇଗୋନିଷ୍ଟିକ ସେଣ୍ଟର ଯାଇ ସେଠାରେ ରୋଗୀଙ୍କ ରକ୍ତ ଓ ଅନ୍ୟ ପରୀକ୍ଷା କିପରି କରାଯାଉଛି ସେ ନେଇ ଯାଞ୍ଚ କରିଥିଲେ । ଏହି ସମୟରେ କେନ୍ଦ୍ରରେ ଠିକ କାଗଜପତ୍ର ରହିଛି କି ନାହିଁ, ତାହା ମଧ ଯାଞ୍ଚ କରିଥିଲେ । ସେହିପରି ଏହି କ୍ଲିନିକ ଆନ୍ଧ୍ରର ବିଭିନ୍ନ ମେଡିକାଲ ସହିତ କିପରି ଯୋଗାଯୋଗ ରହିଛି ସେ ନେଇ ଅନୁସନ୍ଧାନ କରାଯାଇଥିଲା। ଏହି କ୍ଲିନିକର କିଛି କାଗଜପତ୍ର ନ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ସପ୍ତାହ ମଧ୍ୟରେ ସମସ୍ତ କଗଜପତ୍ର ଦେଖାଇବାକୁ ସିଡିଏମଓ ଡାକ୍ତର ଦାସ କ୍ଲିନିକର ମାଲିକଙ୍କୁ ତାଗିଦ କରିବା ସହ ନିର୍ଦ୍ଦେଶ ଦେଇଛନ୍ତି।


କୋରାପୁଟ ସିଡିଏମ୍‌ଓ ଏବଂ ଟିମ୍ କ୍ଲିନିକ୍‌ରେ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ଗୁଣିଗାରେଡ଼ି ନେଲା ଜୀବନ, ୫ କୋର୍ଟଚାଲାଣ

ପଡିଆ, ୨୬।୮ (ଭାସ୍କର ରାଓ )

**ପୋଷ୍ଟମାଷ୍ଟର ହତ୍ୟା ଘଟଣାର ପର୍ଦ୍ଦାଫାଶ**

ମାଲକାନଗିରି ଜିଲା ମୋଟେରୁ ପୋଷ୍ଟମାଷ୍ଟର ନନ୍ଦା ମାଡକାମୀ ଗତ ଶୁକ୍ରବାର ସକାଳୁ ନିଖୋଜ ହେବା ଓ ୨୪ ଘଣ୍ଟା ପରେ ମୃତଦେହ ଜବତ ଘଟଣା ଗତ ଦୁଇଦିନ ଧରି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ପୋଲିସ ପକ୍ଷରୁ ମୋଟେରୁ ପୋଷ୍ଟମାଷ୍ଟରଙ୍କ ମୃତ୍ୟୁ ଗୁଣି ଗାରେଡିକୁ ନେଇ ହୋଇଥିବା ଏବଂ ଏହା ଏକ ସୁଚିନ୍ତିତ ହତ୍ୟା ଦର୍ଶାଇ ଘଟଣାର ପର୍ଦ୍ଦାଫାସ୍ କରିଛି। ମୃତ ନନ୍ଦା ମାଡକାମୀ ଦୀର୍ଘଦିନ ଧରି ବିଭିନ୍ନ ଗୁଣିଗାରେଡ଼ିରେ ଲିପ୍ତ ରହୁଥିବା ସନ୍ଦେହ କରି ଗ୍ରାମର ଦେବା ମାଡକାମି (୧), କେଶା ମାଡକାମି, ଦେବା ମାଡକାମି (୨), କୋଷା ମାଡକାମି ଓ ଦେବା ମାଡକାମି (୩) ମିଳିତ ଭାବେ ତାଙ୍କୁ ହତ୍ୟା କରିଥିଲେ। ପୋଲିସ ରବିବାର ରାତିରେ ୫ ଅଭିଯୁକ୍ତଙ୍କୁ ଘରୁ ଉଠାଇ ପଚରାଉଚୁରା କରିବାରୁ ସତ୍ୟାସତ୍ୟ ଜଣାପଡ଼ିଥିଲା। ପୋଲିସ ୫ ଜଣଙ୍କୁ ଗିରଫ ପରେ ସୋମବାର ସ୍ୱାସ୍ଥ୍ୟ ପରୀକ୍ଷାକରି କୋର୍ଟ ଚାଲାଣ କରିଛି। ଏ ନେଇ ପଡିଆ ଥାନାରେ ୯୭/୨୪ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଅନ୍ୟପଟେ ମୃତ ନନ୍ଦା ମୋଟେରୁ ଗ୍ରାମରେ ଶାଖା ପୋଷ୍ଟମାଷ୍ଟର ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲ ଓ ପଡିଆ ଥାନା ଅଧିକାରୀ ରାମେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ବାରମ୍ବାର ଏହିଗ୍ରାମକୁଗସ୍ତକରିଗ୍ରାମର ଏକାଧିକ ଲୋକଙ୍କୁପଚରା ଉଚରା ଓ ଜେରା କରିଥିଲେ।


**SEA SPRINT SERVICES PRIVATE LIMITED**
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

**TENDER NOTICE**
No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.
SSSPL


# ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା


ଭାଜପା କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

ଗୋବିନ୍ଦପାଲି,୨୬।୮ (କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ କଲ୍ୟାଣ ମଣ୍ଡପରେ ସୋମବାର ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କିପରି ଅଧିକରୁ ଅଧିକ ଲୋକଙ୍କୁ ଦଳ ନୀତି ଆଦର୍ଶ ଲକ୍ଷ୍ୟ ବିଷୟରେ ଅବଗତ କରାଯିବ ଏବଂ ଏହାପରେ ଇଚ୍ଛୁକ ଲୋକମାନଙ୍କୁ ଦଳର ପ୍ରାଥମିକ ସଦସ୍ୟ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ସଦସ୍ୟତା ଅଭିଯାନ ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ସେପ୍ଟେମ୍ବର ୧ ର ୧୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ୧ ରୁ ୧୫ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଖଇରପୁଟ ଭାଜପା ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଖଇରପୁଟ ବ୍ଲକ୍ ଅଧ୍ୟକ୍ଷ ବିଘ୍ନ କିର୍ଷାନି, ଭାଜପା ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ବେହେରା, ମଣ୍ଡଳ ସଦସ୍ୟତା ଅଭିଯାନ ସଂଯୋଜକ କର୍ଣ୍ଣ ମହୁରିଆ, ସହ ସଂଯୋଜକ ଶ୍ରାବଣ କୁମାର ସାହୁ, ସମା ଧାଙ୍ଗଡାମାଝି, ମଣ୍ଡଳ ସଦସ୍ୟତା ଅଭିଯାନର ଆଇଟି କୋର୍ଡ଼ିନେଟର ସାନୁ ରଥ, କଦମଗୁଡ଼ା ସରପଞ୍ଚ ସୂର୍ଯ୍ୟ ନାରାୟଣ ଝିଗିଡି, ମଣ୍ଡଳ ସାଧାରଣ ସମ୍ପାଦକ ସଦାଶିବ ଖିଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ବଳରାଜ କଡ୍ରିଙ୍କ ସହିତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକକୁ ଖଇରପୁଟ ମଣ୍ଡଳ ସାଧାରଣ ସମ୍ପାଦକ ଗୁଣନିଧି ନାୟକ ପରିଚାଳନା କରିଥିଲେ।

# ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ

ମାଲକାନଗିରି/କୋରୁକୋଣ୍ଡା/ ଏମ୍‌ଭି,୭୯, ୨୬।୮ (ଦୁର୍ଯ୍ୟୋଧନ ପାତ୍ର/ ଶିବଦତ୍ତ ସାହୁ/ ଭିକି ବାରିକ)

ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାରମ୍ପରିକ ରୀତିରେ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁ ଓ ବାଲ ବର୍ଗର ବିଭିନ୍ନ ବେଶ ପୋଷାକରେ ସଜ୍ଜିତ ହୋଇ ରାଧା ଓ କୃଷ୍ଣ ବେଶରେ ଭୂଷିତମାନଙ୍କୁ ଗୁରୁମା, ଅଭିଭାବିକା ଓ ଗୁରୁଜୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ବିଦ୍ୟାଳୟ ପରିସରରେ ଗୋପାଳ ବେଶରେ ସଜ୍ଜିତ ଭାଇମାନଙ୍କ ଦ୍ୱାରା ଦଧିଭାଣ୍ଡ ଭଗ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଭଉଣୀଭାଇଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସନ୍ଦୀପ ଦାସ ଯୋଗଦେଇଥିଲେ। ପରିଚାଳନା କମିଟି ସହ ସମ୍ପାଦକ ସୋମନାଥ ପୃଷ୍ଟି, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସ୍ୱାଇଁ, ପୂର୍ବତନ ସଭାପତି ଦିବାକର ପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ବାଲିମେଳା ଓ କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍କୁଲ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସମ୍ପାଦକ ମନୋଜ କୁମାର ନାୟକ,ସମ୍ପାଦକ ବିଜୟ କୁମାର ରାଉତ, ସଭାପତି କୃପାସିନ୍ଧୁ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ସ୍ୱାଇଁ, କୋଷାଧ୍ୟକ୍ଷ ରଞ୍ଜିତ ଦାସ, ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଗୁରୁଜୀ ସୁବାସ ଚନ୍ଦ୍ର ତ୍ରିପାଠୀ ଓ ଅନ୍ୟାନ୍ୟ ଗୁରୁଜୀ ଓ ଗୁରୁମା ପ୍ରମୁଖ ଉପସ୍ଥିତ ଥିଲେ। ବାଲିମେଳା ସ୍ୱାମୀ ବିବେକାନନ୍ଦ ସ୍ମାର୍ଟ ସ୍କୁଲ ପକ୍ଷରୁ ଆଖଣ୍ଡଳମଣି ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ସମ୍ମାନିତ ଅତିଥି ସିଆର୍‌ସିସି କଲ୍ୟାଣୀ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ରାଉତ,ଚିତ୍ରକୋଣ୍ଡା ଭିଏସ୍‌ଏସ୍ ପ୍ରତିଷ୍ଠାତା ନରେଶ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାଲିମେଳା ବ୍ଲକ୍ ଏମ୍‌ଭି ୭୯ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସକାଳୁ କୁନି କୁନି ପିଲାମାନେ ରାଧାକୃଷ୍ଣ, ସୁଦାମା, କଂସ ମହାରାଜ, ବସୁଦେବ ବେଶ ଧାରଣକରି ସହର ପରିକ୍ରମ କରିଥିଲେ। ପରିକ୍ରମା ସମୟରେ ଗ୍ରାମବାସୀ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ।


ମାଲକାନଗିରି ସରସ୍ୱତୀ ଶିଶୁମନ୍ଦିର


କୋରୁକୋଣ୍ଡାରେ ପିଲାମାନେ ରାଧା କୃଷ୍ଣ ବେଶରେ ଯାଉଛନ୍ତି ।


ଏମ୍–୭୯ରେ ଦଧିହାଣ୍ଡି ଭଙ୍ଗାଯାଉଛି ।

# ନବରଙ୍ଗପୁର- ଜୁନାଗଡ଼ ରେଳପଥ ଉମରକୋଟ ଦେଇ ଯିବାକୁ ଦାବି

ଉମରକୋଟ,୨୬।୮ (ସନ୍ତୋଷ ଶତପଥୀ)

କଳାହାଣ୍ଡି ଜିଲା ଜୁନାଗଡ଼ଠାରୁ ନବରଙ୍ଗପୁର ପ୍ରସ୍ତାବିତ ରେଳପଥକୁ ମଞ୍ଜୁରୀ ଦେବା ପରେ ଏହାକୁ ନେଇ ଉମରକୋଟଠାରେ ବିଜେଡି ଓ ଭାଜପା ମଧ୍ୟରେ ରାଜନୀତି ଆରମ୍ଭ ହୋଇଛି। ପ୍ରସ୍ତାବିତ ଏହି ରେଳପଥକୁ ଉମରକୋଟ ଦେଇ ନବରଙ୍ଗପୁରକୁ ସଂଯୋଗକରିବା ପାଇଁ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝି ଦାବି କରିଛନ୍ତି। ଉମରକୋଟସ୍ଥିତ ବାସଭବନରେ ଏକ ଖବରଦାତା ସମ୍ମିଳନୀ କରି ସେ ଏହି ଦାବି କରିଛନ୍ତି।

ସୂଚନାଯୋଗ୍ୟ, ନବରଙ୍ଗପୁର-ଜୁନାଗଡ଼ ରେଳପଥର କ୍ୟାବିନେଟ୍ ମଞ୍ଜୁରୀ ପରେ କଳାହାଣ୍ଡିର ଧର୍ମଗଡ଼ଠାରେ ଏକ ସମ୍ବର୍ଦ୍ଧନା ସଭାରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି କହିଥିଲେ, ପ୍ରସ୍ତାବିତ ରେଳପଥକୁ ଧର୍ମଗଡ଼ ସହରର ୭ କି.ମି. ଭିତରେ ରେଳ ଷ୍ଟେଶନ ପ୍ରତିଷ୍ଠା ହେବ। ଏମ୍‌ପି ବଳଭଦ୍ରଙ୍କ ଆଭିମୁଖ୍ୟକୁ ପୂର୍ବତନ ଏମ୍‌ପି ରମେଶ ମାଝି ନାପସନ୍ଦ କରିଛନ୍ତି । ଅନ୍ୟପଟେ ରମେଶ ଚନ୍ଦ୍ର ମାଝି କହିଛନ୍ତି, ସେ ଏମ୍‌ପି ଥିବା ବେଳେ ୨୦୨୩ ଜୁଲାଇ ୨୬ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀରେ ଭେଟି ଜୁନାଗଡ଼-ନବରଙ୍ଗପୁର ରେଳପଥକୁ ଧର୍ମଗଡ଼, ଛତିଶଗଡ଼ର ଦେଓଭୋଗ ଦେଇ ଝରିଗାଁ, ଚନ୍ଦାହାଣ୍ଡି,



ରମେଶ ଚନ୍ଦ୍ର ମାଝି

ଉମରକୋଟ, ଡାବୁଗାଁ, ପାପଡ଼ାହାଣ୍ଡି ଦେଇ ନବରଙ୍ଗପୁରକୁ ସଂଯୋଗ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ

## ପୂର୍ବତନ ଏମ୍‌ପି ରମେଶ ମାଝିଙ୍କ ଖବରଦାତା ସମ୍ମିଳନୀ

କରିଥିଲେ। ଏଥିରେ ରେଳମନ୍ତ୍ରୀ ସମ୍ମତି ଜଣାଇଥିଲେ। ତେଣୁ ଯଦି ରେଳପଥ ଧର୍ମଗଡ଼କୁ ସଂଯୋଗ କରାଯାଉଛି, ତା'ହେଲେ ଉକ୍ତ ରେଳପଥକୁ ଉମରକୋଟ ଅଣାଯାଉ ବୋଲି ସେ ଦାବି କରିଛନ୍ତି। ଏଥିସହ କେନ୍ଦ୍ର କ୍ୟାବିନେଟ୍ ରେଳମନ୍ତ୍ରୀ ଓ ନବରଙ୍ଗପୁର ଏମ୍‌ପିଙ୍କୁ ଏହି ଦାବି ଉପରେ ବିଚାରକରିବା ପାଇଁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଉମରକୋଟ ଜିଲା ଏକ ବ୍ୟବସାୟିକ ପେଣ୍ଠସ୍ଥଳ। ତେଣୁ ପ୍ରସ୍ତାବିତ ଜୁନାଗଡ଼-ନବରଙ୍ଗପୁର ରେଳପଥ ଉମରକୋଟ ଦେଇ ନିର୍ମାଣ ହେଲେ ଭବିଷ୍ୟତରେ ଉମରକୋଟଠାରୁ ରାୟପୁରକୁ ମଧ୍ୟ ରେଳ ସଂଯୋଗ ହେବାରେ ସୁବିଧା ହେବ। ଏଥିସହ ଏହି ଅଞ୍ଚଳର ଆର୍ଥିକ ବିକାଶ ହୋଇପାରିବ ବୋଲି ପୂର୍ବତନ ସାଂସଦ କହିଛନ୍ତି ବୋଲି ପୂର୍ବତନ ଏମ୍‌ପି ରମେଶ ମାଝି କହିଛନ୍ତି। ଯଦି ଜୁନାଗଡ଼କୁ ଉମରକୋଟ ଦେଇ ରେଳପଥ ନିର୍ମାଣ ନ ହୁଏ ତେବେ ଉମରକୋଟ ଅଞ୍ଚଳବାସୀଙ୍କ ପାଇଁ ରେଳସେବା ଦେଖିବା ସ୍ୱପ୍ନ ହୋଇ ରହିଯିବ ବୋଲି ସେ କହିଛନ୍ତି ।

# ପ୍ରକୃତ ଆଦିବାସୀଙ୍କୁ ପଟ୍ଟା ମିଳିବା ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଜନଜାତି ସୁରକ୍ଷା ମଞ୍ଚ କର୍ମକର୍ତ୍ତା।

ଡାବୁଗାଁ, ୨୬।୮ (ପ୍ରଜ୍ଞାରଞ୍ଜନ ପରିଡା)

## ଜନଜାତି ସୁରକ୍ଷା ମଞ୍ଚର ବୈଠକ,ପଞ୍ଚାୟତ କମିଟି ଗଠନ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଘୋଡାଖୁଣ୍ଟା ପଞ୍ଚାୟତ ଅଧୀନ କହକାଗୁଡା ଗ୍ରାମରେ ଜନଜାତି ସୁରକ୍ଷା ମଞ୍ଚର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ମୋହନସିଂ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜନଜାତିଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳି ନ ଥିବାରୁ କିପରି ପ୍ରକୃତ ଆଦିବାସୀ ଲୋକଙ୍କୁ ପଟ୍ଟା ମିଳିବ ଓ ଅଣ ଆଦିବାସୀଙ୍କୁ ଯେପରି ପଟ୍ଟା ଦିଆ ନ ଯାଏ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଜନଜାତି ସୁରକ୍ଷା ମଞ୍ଚର ନୂତନ ଭାବେ ଘୋଡାଖୁଣ୍ଟା ପଞ୍ଚାୟତ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପୀତାମ୍ବର ଶବର, ଉପସଭାପତି ସୋମନାଥ ବଞ୍ଜାରା, ସମ୍ପାଦକ ନୀଳାମ୍ବର ଭତ୍ରା, ସହ ସମ୍ପାଦକ ମୋହନ ନାୟକ, କୋଷାଧ୍ୟକ୍ଷ ସିନ୍ଧୁ ଭତ୍ରାଙ୍କ ସମେତ ୧୫ ଜଣ ସଭ୍ୟଙ୍କୁ ଚୟନ କରାଯାଇଥିଲା। ବୈଠକରେ ଡାବୁଗାଁ ବ୍ଲକ ଭତରା ସଂଘ ସଭାପତି ମୋହନ ନାୟକ, ତୁଳସୀ ବଞ୍ଜାରା,ପୀତାମ୍ବର ମୁଦୁଲି, ଫଗୁନୁ ଶବର, ବିଶନାଥ ମାଝି, ଖଗେଶ ଅମନାତ୍ୟ, ସଦନ ମାଝି, ତ୍ରିନାଥ ଭତ୍ରା, ରତନ ଭତ୍ରା, ସୁକଦେବ ଭତ୍ରା, ଡମ୍ବରୁ ମାଝିଙ୍କ ସମେତ ପଞ୍ଚାୟତର ସମସ୍ତ ଗ୍ରାମରୁ ପ୍ରାୟ ୮୦ ଜଣ ଜନଜାତି ସମ୍ପ୍ରଦାୟର ଲୋକେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର ୨୬।୮ (ପବନ ପାଣିଗ୍ରାହୀ)

ଅତ୍ୟଧିକ ଯୌତୁକ ଦାବିରେ ଶ୍ୱଶୁର ଘର ଲୋକେ ମହିଳାଙ୍କୁ ନିର୍ଯାତନା ଦେଉଥିବା ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ୍ ସୂଚନା ଅନୁଯାୟୀ, ବୈପାରିଗୁଡା ଥାନା ଅନ୍ତର୍ଗତ ବ୍ରାହ୍ମଣଗୁଡା ଗ୍ରାମର ସେମତି ଏ. ଜ୍ୟୋତି ୨୦୨୩ରେ ବ୍ରହ୍ମପୁର ଲକ୍ଷ୍ମୀନଗର ଅଞ୍ଚଳର ଓାଇ ରମେଶଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଝିଅ ଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର କିଛି ମାସ ପରେ ସ୍ୱାମୀଙ୍କ ସହ ପରିବାର ଲୋକେ ଅଧିକା ଯୌତୁକ ଆଣିବାକୁ କହି ନିର୍ଯାତନା ଦେଉଥିବା ନେଇ ସେମତି ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୧୪୭/୨୪ ମାମଲା ରୁଜୁ କରିଛି । ଏଏସ୍ଆଇ ବିକାଶ ନାୟକ ଘଟଣାର ତଦନ୍ତ କରୁଥିବା ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି ।

### ମସ୍‌ଜିଦ ନିକଟରୁ ବାଇକ୍ ଚୋରି, ଥାନାରେ ଏତଲା

ପାପଡାହାଣ୍ଡି,୨୬।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବଙ୍କାସାହିରେ ଥିବା ମସ୍‌ଜିଦ ନିକଟରୁ ସୋମବାର ଏକ ବାଇକ୍ ଚୋରି ହୋଇଛି। ବାଇକ ଚୋରି ନେଇ ଗାଡ଼ି ମାଲିକ ଇଲ୍ଲାହି ଅନୱାର ଅନ୍‌ଲାଇନରେ ଏତଲା ଦାଖଲ କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ପାପଡାହାଣ୍ଡି ବ୍ଲକ ଜଟାବାଲ ଗ୍ରାମର ଇଲ୍ଲାହି ଅନୱାର ସୋମବାର ଅପରାହ୍ନ ପ୍ରାୟ ୩ଟା ୩୦ମିନିଟ୍‌ରେ ନିଜ ବାଇକ ନଂ (ଓଆର -୨୪ ୯୧୦୫) ଯୋଗେ ପାପଡାହାଣ୍ଡି ମସଜିଦ ନିକଟରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ତାଙ୍କ ଘର ବାହାରେ ବାଇକ ରଖି ଭିତରକୁ ଯାଇଥିଲେ। ଅଧ ଘଣ୍ଟା ପରେ ବାହାରକୁ ଆସି ସେ ରଖିଥିବା ସ୍ଥାନରେ ବାଇକ୍ ନ ପାଇବାରୁ ଆଖପାଖ ଅଞ୍ଚଳ ଖୋଜାଖୋଜି କରିଥିଲେ। ବାଇକର ସନ୍ଧାନ ନ ମିଳିବାରୁ ପରେ ସେ ବାଧ୍ୟ ହୋଇ ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

# ଅଦରକାରୀ କାଗଜରେ ଘରସଜ୍ଜା ସାମଗ୍ରୀ



ତୋଟାସାହିରେ ମହିଳାମାନେ ଅଦରକାରୀ କାଗଜରେ ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ନବରଙ୍ଗପୁର,୨୬।୮ (ସଦାଶିବ ପ୍ରହରାଜ)

## ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ତାଲିମ

ମହିଳାମାନେ ସ୍ୱାବଲମ୍ବୀ ହୋଇ ରୋଜଗାର କରିବେ । ଏ ନେଇ ନବରଙ୍ଗପୁର ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ତାଲିମ ପ୍ରଦାନ କରାଯାଉଛି। ଅଦରକାରୀ କାଗଜରେ କିଭଳି ଘରସଜ୍ଜା ସାମଗ୍ରୀ ତିଆରି ହେବ, ସେ ନେଇ ତାଲିମ ଦେଉଛନ୍ତି କେନ୍ଦୁଝର ଆନନ୍ଦପୁର ଗାଁର ତାଲିମଦାତ୍ରୀ ରଶ୍ମିତା ସୁତାର ।

ନବରଙ୍ଗପୁର ସହର ତୋଟା ସାହିର ୧୫ ଜଣ ମହିଳାଙ୍କୁ ନେଇ ମା' ଭଣ୍ଡାର ଘରଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛି । ମହିଳାମାନେ କିଭଳି ଆର୍ଥିକ ସ୍ୱାବଲମ୍ବୀ ହେବେ ଓ ରୋଜଗାର କରିବେ ସେ ନେଇ ଜିଲା ଶିଳ୍ପ କେନ୍ଦ୍ର ସହ ଯୋଗାଯୋଗ କଲେ। ଅଦରକାରୀ କାଗଜରେ ଘରସଜ୍ଜା ସାମଗ୍ରୀର ଚାହିଦା ଥିବାରୁ ଏହାର ପ୍ରସ୍ତୁତ ପାଇଁ ତାଲିମ ନେବାକୁ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ମହିଳାମାନେ ତାଲିମ ନେବାକୁ ଆଗ୍ରହ କଲେ ବୋଲି ଗୋଷ୍ଠୀର ସଭାପତି ଆରତୀ ବେହେରା କହିଛନ୍ତି। ଚଳିତ ବର୍ଷ ଆଗକୁ ମଣ୍ଡେଇ ଭଳି ଜିଲାସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ମହିଳାମାନେ ଅନେକ ଘରସଜ୍ଜା ସାମଗ୍ରୀ ଏବେଠାରୁ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ପେନ୍ ଷ୍ଟାଣ୍ଡ, ଫୁଲଦାନି, ଡଷ୍ଟବିନ୍, ଟ୍ରେ, ଫାଇଲ, ବେଡ଼ ଲାଇଟ ଷ୍ଟାଣ୍ଡ ଭଳି ଅନେକ ସାମଗ୍ରୀ ତିଆରି କରୁଛନ୍ତି । ବିଭିନ୍ନ ଡିଜାଇନର ରଙ୍ଗ ଦେଇ ଆକର୍ଷଣୀୟ କରୁଥିବାରୁ ଏହାର ଚାହିଦା ନିଶ୍ଚିତ ଲୋକଙ୍କ ମନକୁ ଛୁଇଁବ ବୋଲି ଆଶା ବାନ୍ଧିଛନ୍ତି ମହିଳାମାନେ । କେବଳ ମଣ୍ଡେଇ ପଲ୍ଲୀଶ୍ରୀ ମେଳା ନୁହେଁ ପରବର୍ତ୍ତୀ ସମୟରେ ବିଭିନ୍ନ ଜିଲାସ୍ତରୀୟ ମେଳାରେ ମଧ୍ୟ ଏହା ଉପଲବ୍ଧ ହେବ। ନବରଙ୍ଗପୁରରେ ମଧ୍ୟ ଏହାର ବିକ୍ରିବଟା କରାଯିବ । ବଜାର ସୁବିଧା ପାଇଁ ଓରମାସ୍ ସହିତ ଯୋଗାଯୋଗ କରିବେ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କହିଛନ୍ତି। ସେହିଭଳି ଟାପାକରିଆଗୁଡା ଗାଁର ମା' କଳା ଧରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଅଦରକାରୀ କାଗଜରେ ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଉକ୍ତ ଗୋଷ୍ଠୀଙ୍କୁ ସଞ୍ଜୟ କୁମାର ଓଝା ତାଲିମ ପ୍ରଦାନ କରୁଛନ୍ତି।

# ନିଆରା ଜନ୍ମାଷ୍ଟମୀ ରାଧା କୃଷ୍ଣ ବେଶରେ ମୁସ୍‌ଲିମ ଶିଶୁ

ଜୟପୁର ୨୬।୮ (ପବନ ପାଣିଗ୍ରାହୀ)

ଜୟପୁର ସହରରେ ଦେଖିବାକୁ ମିଳିଛି ନିଆରା ଜନ୍ମାଷ୍ଟମୀ । ମୁସ୍‌ଲିମ୍ ସମ୍ପ୍ରଦାୟର ଶିଶୁ ରାଧା ଏବଂ କୃଷ୍ଣ ବେଶରେ ସଜ୍ଜିତ ହୋଇ ଜନ୍ମାଷ୍ଟମୀ ପାଳନ କରିଥିଲେ। ଜୟପୁର ପ୍ରସାଦରାଓ ପେଟା ଚତୁର୍ଥ ଗଳିରେ ଥିବା ପ୍ଲେ ସ୍କୁଲ୍ ବନିତାସ୍ ଆର୍ଚ୍ଚିଭିଟରେ ଏଭଳି ନିଆରା ଢ଼ଙ୍ଗରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ବିଭିନ୍ନ ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପନ ଉଦ୍ଦେଶ୍ୟରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଏହା ଏକ ପ୍ରୟାସ ବୋଲି ସ୍କୁଲ ନିର୍ଦ୍ଦେଶିକା ବନିତା ମହାପାତ୍ର କହିଛନ୍ତି। କୃଷ୍ଣ ବେଶରେ ସଜ୍ଜିତ ଛାତ୍ରଙ୍କ ନାମ ସାୟଦ୍ ନୱାଜ୍। ତାଙ୍କ ପୁଅକୁ କୃଷ୍ଣବେଶରେ ଦେଖି ବେଶ୍ ଖୁସି ବୋଲି କହନ୍ତି ବାପା ସାୟଦ୍ ଫିରୋଜ୍ ଏବଂ ମା' ସୁଲତାନ ବେଗମ୍ । ସେହିପରି ସୟଦ୍ ଜାଫରଙ୍କ ଝିଅ ନର୍ସରୀ କ୍ଲାସ୍‌ରେ ପଢୁଥିବା ହଫ୍‌ସା ଫତିମା ରାଧା ବେଶରେ ସଜ୍ଜିତ ହୋଇଥିଲେ। ତାଙ୍କ



ମା' ଜାଫର ଶେଖ୍ ହାସିନା ଝିଅକୁ ରାଧା ବେଶରେ ସଜାଇ ଦେଇଥିବା। ସେ କହିଛନ୍ତି। ଗତ ସ୍ୱାଧୀନତା ଦିବସରେ ମୋ ଝିଅକୁ ରାଣୀ ଲକ୍ଷ୍ମୀବାଈଙ୍କ ବେଶ ସଜ୍ଜିତ କରିଥିବାବେଳେ ଏବେ ରାଧା ବେଶ କରାଇଛି ବୋଲି ସେ କହନ୍ତି। ଏହି ସ୍କୁଲ୍‌ର କାର୍ଯ୍ୟକ୍ରମକୁ ସ୍ଥାନୀୟ ବାସିନ୍ଦା ମଧ୍ୟ ବେଶ୍ ପ୍ରଶଂସା କରୁଛନ୍ତି।

# ସର୍ବଭାରତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେବେ ଶୈଳେଶ

ନବରଙ୍ଗପୁର,୨୬।୮ (ସଦାଶିବ ପ୍ରହରାଜ)

ଉପାନ୍ତ ଅଞ୍ଚଳ ନବରଙ୍ଗପୁର ଜିଲାରେ ଖେଳର ନା ଭିତ୍ତିଭୂମି ଅଛି ନା ସୁଯୋଗ ଅଛି। କିନ୍ତୁ ପଙ୍କରେ ପଦ୍ମ ଫୁଟିଲା ପରି ଖେଳାଳିଙ୍କୁ ନିଜକୁ ନିଜେ ଗଢ଼ିବାକୁ ପଡୁଛି, ଯାହାର ଉଦାହରଣ ହେଲା ନବରଙ୍ଗପୁର ସହର ମଙ୍ଗରାଜ ସାହିର ପ୍ରବୀଣ ପଟ୍ଟନାୟକଙ୍କ ପୁଅ ଶୈଳେଶ ପଟ୍ଟନାୟକ। ସେ କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଥିବାବେଳେ ସର୍ବ ଭାରତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବାକୁ ଚୟନ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ସେପ୍ଟେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବାକୁ ଥିବା ୫୩ତମ ସର୍ବଭାରତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ନବରଙ୍ଗପୁର ଜଲାରୁ ପ୍ରଥମ ଥର ପାଇଁ ତାଙ୍କୁ ସ୍କୁଲ ଗେମ୍ସ ଟାଏକୋଣ୍ଡୋରେ ଖେଳିବାକୁ ସୁଯୋଗ ମିଳିଛି । ଶୈଳେଶ ପୂର୍ବରୁ ରାଜ୍ୟସ୍ତରୀୟ ଏବଂ ସର୍ବଭାରତୀୟସ୍ତରରେ ବହୁ ପଦକ ବିଜେତା ହୋଇଛନ୍ତି । ଗତ



ଶୈଳେଶ ପଟ୍ଟନାୟକ

ବର୍ଷରେ ମହାରାଷ୍ଟ୍ରଠାରେ ନ୍ୟାଶନାଲ ଚାମ୍ପିୟନଶିପରେ ଖେଳି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି 'ନବରଙ୍ଗ ସ୍ପୋର୍ଟସ ଏକାଡେମୀ'ର କୋଚ୍ ହରିଶ ବେହେରା ଓ ସଦସ୍ୟମାନେ ଆଶା କରିଛନ୍ତି ଖେଳାଳିମାନେ ଭଲ ପ୍ରଦର୍ଶନ କରିବେ। ଏହିପରି ଖେଳାଳିଙ୍କୁ ପ୍ରଶାସନ ପକ୍ଷରୁ ସହଯୋଗ କରାକଲେ ଅନେକ ଖେଳାଳି ନବରଙ୍ଗପୁର ଜିଲା ପାଇଁ ଗୌରବ ଆଣିପାରିବେ ବୋଲି କ୍ରୀଡ଼ାବିତ୍‌ମାନେ ମତ ଦେଇଛନ୍ତି।

# ପଞ୍ଚାୟତ ଭବନ ଲୋକାର୍ପଣ କଲେ ବିଧାୟକ

ଜୟପୁର ୨୬।୮ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ ହାଡିଆଠାରେ ପଞ୍ଚାୟତ ଭବନ ନିର୍ମାଣ ପାଇଁ ସୋମବାର ଅପରାହ୍ନ ୧.୩୦ ମିନିଟ ସମୟରେ ଲୋକାର୍ପଣ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତ ଭବନ ଉଦ୍‌ଘାଟନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ଗ୍ରାମବାସୀ ଉପସ୍ଥିତ ଥିଲେ । ହାଡିଆଠାରେ ପଞ୍ଚାୟତ କାର୍ଯ୍ୟାଳୟ ନ ଥିବାରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ଭବନ ନିର୍ମାଣ କରାଯାଇଥିବା ବିଧାୟକ ବାହିନିପତି କହିଛନ୍ତି ।



ବିଧାୟକ ତାରା ପ୍ରସାଦ ବାହିନୀପତି ପଞ୍ଚାୟତ ଭବନ ଉଦ୍‌ଘାଟନ କରୁଛନ୍ତି।

# ମାଲବାହୀ ଟ୍ରେନ୍ ଧକ୍କାରେ ୬ ଗୋରୁ, ୧୪ ମେଣ୍ଢା, ଛେଳି ମୃତ

କୋରାପୁଟ/ନନ୍ଦପୁର, ୨୬।୮ (ଅମିତାଭ ବେହେରା/ସୁନୀଲ କୁମାର ପଣ୍ଡା)

କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନରେ ଥିବା ଭେଜା ଷ୍ଟେଶନରେ ସୋମବାର ମାଲବାହୀ ଟ୍ରେନ ଧକ୍କାରେ ୬ ଗୋରୁ ୧୪ ମଣ୍ଢା ଓ ଛେଳିଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଟ୍ରେନଟି ମାଲନେଇ କିରଣ୍ଡୁଳରୁ ବିଶାଖାପାଟଣା ଯାଉଥିଲା। ଭେଜା ଷ୍ଟେଶନ ନିକଟରେ ଥିବା ରେଳ ଧାରଣା ଉପରକୁ ଗୋରୁ ଏବଂ ଛେଳି ମେଣ୍ଢା ପଳାଇ ଆସିଥିଲେ। ଫଳରେ ମାଲବାହୀ ଟ୍ରେନ୍‌ଟି ଛେଳି, ମେଣ୍ଢା ଓ ଗୋରୁଙ୍କ ଉପରେ ଚଢି ଯାଇଥିଲା। ମୃତ ପ୍ରାଣୀଗୁଡିକର ମାଲିକ ଗରିବ ଶ୍ରେଣୀ ହୋଉଥିବାରୁ ସେମାନଙ୍କୁ ସହାୟତା ଦେବାକୁ ସାଧାରଣରେ ଦାବି ହେଉଛି।

# ଜନ୍ମାଷ୍ଟମୀ ଉପଲକ୍ଷେ ଜୟପୁର ଉତ୍ସବମୁଖର

ଜୟପୁର ୨୬।୮ (ପବନ ପାଣିଗ୍ରାହୀ)

ଜୟପୁରର ବିଭିନ୍ନ ଅନୁଷ୍ଠାନ ତରଫରୁ ସୋମବାର ଶ୍ରୀକୃଷ୍ଣଙ୍କ ଜନ୍ମଦିନ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି । ଜନ୍ମାଷ୍ଟମୀ ଅବସରରେ ଜୟପୁର ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କୁ କୃଷ୍ଣ ବେଶରେ ସଜ୍ଜିତ କରାଯାଇଥିଲା । ଶ୍ରୀଜିଉଙ୍କ ନିକଟରେ ସ୍ୱତନ୍ତ୍ର ନୀତିକାନ୍ତି ଆଳତି ଏବଂ ଭୋଗ ଲାଗି କରାଯାଇ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ପାଳନ କରାଯାଇଛି । ସେହିପରି ଗୀତା ଭବନରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଛି । ରଘୁନାଥ ମନ୍ଦିରରେ ପ୍ରଭୁ ରାମଙ୍କୁ କୃଷ୍ଣ ବେଶରେ ସଜ୍ଜିତ କରାଯାଇଥିଲା । ସେହିପରି ସରସ୍ୱତି ବିଦ୍ୟା ମନ୍ଦିର ଶାରଦା ବିହାର ତରଫରୁ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ଅରବିନ୍ଦ ନଗର ଶିଶୁ ବିଦ୍ୟାମନ୍ଦିରଠାରେ ଜନ୍ମାଷ୍ଟମୀ ଅବସରରେ ଉପସ୍ଥିତ ଅତିଥିମାନେ ଭଗବତ ଗୀତାର କର୍ମ ଯୋଗ ଏବଂ ବିଶ୍ୱ କଲ୍ୟାଣ ପାଇଁ ଶ୍ରୀକୃଷ୍ଣଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶିଶୁମାନଙ୍କ ମଧ୍ୟରେ ଏକ ନୃତ୍ୟ ପରିବେଶଷ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସେହିପରି ଜନ୍ମାଷ୍ଟମୀ ଅବସରରେ ହିନ୍ଦୁ ସମାଜ ପକ୍ଷରୁ ରଘୁନାଥ ମନ୍ଦିରଠାରୁ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରା ମୁଖରାସ୍ତା ଦେଇ ବାଙ୍କମଠରେ ପହଞ୍ଚିଥିଲା । ଟାଉନ ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା ।



ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣଙ୍କୁ ନଗର ପରିକ୍ରମା କରାଯାଉଛି।

# ଦାମନଯୋଡ଼ିରେ ଜନ୍ମାଷ୍ଟମୀ: ରାଧାକୃଷ୍ଣ ବେଶରେ ପିଲାମାନେ

ଦାମନଯୋଡ଼ି,୨୬।୮ (ମାନସ ରଞ୍ଜନ କର)

ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସୋମବାର ପାଳିତ ହୋଇଯାଇଛି। ନାଲ୍‌କୋ ଟାଉନଶିପ୍ ସେକ୍ଟର-୧ ଜଗନ୍ନାଥ ମନ୍ଦିରଠାରେ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ସେହିପରି ସେକ୍ଟର-୩ ମନ୍ଦିର,ମାଥାଲପୁଟ ଶ୍ରୀରାଧାକୃଷ୍ଣ ଓ ତ୍ରିନାଥ ମନ୍ଦିରରେ ବହୁ ଶ୍ରଦ୍ଧାଳୁ ଭୋଗଲାଗି କରିଥିଲେ। ଷୋଡ଼ଶ ଉପଚାର ପୂଜା,ହୋମ ଓ ଆଳତି ଆଦି ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ମନ୍ଦିରରେ ମଙ୍ଗଳବାର ନନ୍ଦୋତ୍ସବ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରେ ସନ୍ତୋଷ ପଣ୍ଡା ଓ ସୁଶାନ୍ତ ଦାଶ ପୂଜାନୀତି କରିଥିଲା ବେଳେ ମନ୍ଦିର ପରିଚାଳନା ସମିତି ଉପସଭାପତି ବିଚ୍ଛନ୍ଦ ଚରଣ ଦାଶ, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ସେନାପତି ଓ ତ୍ରିଲୋଚନ ଚୌଧୁରୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ସେକ୍ଟର-୩ ମନ୍ଦିରରେ ପୂଜକ ଅଭିମନ୍ୟୁ ପଣ୍ଡା ଓ ନୀଳାଚଳ



ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ପିଲାମାନେ ।

ମହାପାତ୍ର ପୂଜାନୀତି କରିଥିଲେ। ମାଥାଲପୁଟ ରାଧାକୃଷ୍ଣ ମନ୍ଦିରରେ ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେବତା ଏବଂ ତ୍ରିନାଥ ମନ୍ଦିରରେ ରବୀନ୍ଦ୍ରନାଥ ପାଢ଼ୀ ପୂଜାନୀତି କରିଥିଲେ। ଜନ୍ମାଷ୍ଟମୀ ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଥାଲପୁଟରେ କୁନିକୁନି ଛାତ୍ରୀଛାତ୍ରମାନେ ରାଧା ଓ କୃଷ୍ଣ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ଏସ୍‌ଭିଏମ୍‌ର ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱାତୀ ଚାଟାର୍ଜୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପରିବହନ ନିୟମକୁ ଆନ୍ଧ୍ର ଅଟୋ ଚାଳକଙ୍କ ବେଖାତିର

■ କ୍ଷମତାଠାରୁ ଅଧିକ ସଂଖ୍ୟାରେ ଯାତ୍ରୀ ପରିବହନ

■ ବିଭାଗ ପକ୍ଷରୁ ନିଆଯାଉନି ପଦକ୍ଷେପ

ରାୟଗଡ଼ା,୨୬।୮
(ଆଶିଷ ରଞ୍ଜନ ପଣ୍ଡା)

ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଅଟୋ ଚାଳକ ବେଆଇନ ଭାବେ ରାୟଗଡ଼ାରେ ପ୍ରବେଶକରିବା ସହ ରାଜ୍ୟ ପରିବହନ ନିୟମକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ଆନ୍ଧ୍ରପ୍ରଦେଶରୁ ରାୟଗଡ଼ା ଆସୁଥିବା ଅଟୋ ଚାଳକ ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇ କ୍ଷମତାଠାରୁ ଅଧିକ ସଂଖ୍ୟାରେ ଯାତ୍ରୀ ବୋହିକି ଆଣୁଛନ୍ତି। ଅଟୋ ଚାଳକ ମୋଟା ଅଙ୍କର ଅର୍ଥ ଆଦାୟ କରିବା ଆଶାରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ପାର୍ବତୀପୁର, ଶ୍ରୀକାକୁଲମ, ବୋବିଲି ଆଦି ସ୍ଥାନରୁ ଅଟୋରେ ଅଧିକ ସଂଖ୍ୟକ ମହିଳା ଓ ପୁରୁଷ ଯାତ୍ରୀଙ୍କୁ ବସାଇ ରାୟଗଡ଼ା ଆଣିଥାନ୍ତି । ସେହିଭଳି ରାୟଗଡ଼ାଠାରୁ ପାର୍ବତୀପୁର ଓ ଅନ୍ୟ ସହରକୁ ମଧ୍ୟ ଯାତ୍ରୀଙ୍କୁ ନେଇ ଫେରିଥାନ୍ତି । ହେଲେ ଜିଲାରେ ପରିବହନ ବିଭାଗ କୌଣସି ଦୃଢ଼ ପଦକ୍ଷେପ ନେଉ ନ ଥିବାରୁ ଏହିଭଳି ଅବ୍ୟବସ୍ଥା ଲାଗି ରହିଛି ଏବଂ ଅଟୋ ଚାଳକମାନେ ମନମୁଖି କ୍ଷମତାଠାରୁ ଅଧିକ ଲୋକଙ୍କୁ ଗାଡ଼ିରେ ବସାଉଛନ୍ତି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଅନ୍ୟପଟେ ମଙ୍ଗଳବାର, ବୁଧବାର ଏବଂ ରବିବାର ପଡ଼ୋଶୀ ବିଶାଖାପାଟଣା, ବିଜୟନଗରମ, ପାର୍ବତୀପୁର, ଶ୍ରୀକାକୁଲମ, ବୋବିଲି ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ରାୟଗଡ଼ାସ୍ଥିତ ମଝିଘରିଆଣୀ ମନ୍ଦିରକୁ ଦର୍ଶନ ଲାଗି ଆସିଥାନ୍ତି। ଏହାର ଭରପୂର ଫାଇଦା ଉଠାଇଥାନ୍ତି ଅଟୋ ଚାଳକ । ଏଭଳି ବେଆଇନ ଭାବେ ଯାତ୍ରା କରୁଥିବା ଅଟୋ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏଭଳିକି ବାହାର ରାଜ୍ୟରୁ ଆସୁଥିବା ଅଟୋ ଓ ଅନ୍ୟ ଯାନବାହନଗୁଡ଼ିକର ପଲ୍ୟୁସନ ଲାଇସେନ୍ସ, ଚାଳକ ଡ୍ରାଇଭିଂ ଲାଇସେନ୍ସ, ଗାଡ଼ିର ଇନ୍ସ୍ୟୁରାନ୍ସ, ଫିଟ୍‌ନେସ୍ ଆଦି ନ ଥିଲେ ମଧ୍ୟ ବେଧଡ଼କ ଭାବେ ରାୟଗଡ଼ା ଆସୁଛନ୍ତି। ହେଲେ ଆଞ୍ଚଳିକ ପରିବହନ ବିଭାଗ ଏଗୁଡ଼ିକର ଯାଞ୍ଚ କରୁ ନ ଥିବାରୁ ବ୍ୟାପକ ରାଜସ୍ୱ ହାନି ଘଟୁଛି । ତେଣୁ ଆଞ୍ଚଳିକ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏ ନେଇ ରାୟଗଡ଼ା ଏମ୍‌ଭିଆଇ ରାଜକୁମାର ବେହେରାଙ୍କୁ ପଚାରିବାରୁ ସୀମାନ୍ତରେ ପରିବହନ ବିଭାଗର ଟ୍ରାଫିକ ଇନ୍‌ସ୍ପେକ୍ଟର ଓ ପୋଲିସ ପକ୍ଷରୁ ମିଳିତ ଭାବେ ଗାଡ଼ିଗୁଡ଼ିକ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆବଶ୍ୟକ ପଡ଼ିଲେ ଗାଡ଼ିଗୁଡ଼ିକ ଜବତକରି ଥାନାରେ ରଖାଯାଇ ମାମଲା ରୁଜୁ କରାଯାଉଛି ବୋଲି ଏମ୍‌ଭିଆଇ ବେହେରା କହିଛନ୍ତି। ଅନ୍ୟପଟେ ଏ ନେଇ ପ୍ରତିମାସରେ ଜିଲା ସଡ଼କ ସୁରକ୍ଷା ବୈଠକରେ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।


ଆନ୍ଧ୍ରପ୍ରଦେଶରୁ ଏକ ଅଟୋ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ନେଇ ରାୟଗଡ଼ା ଆସୁଛି।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ


ପୁରସ୍କୃତ ହୋଇଥିବା ପ୍ରତିଭା ।

■ ୫ ସାହିତ୍ୟିକ ସମ୍ବର୍ଦ୍ଧିତ

କୋରାପୁଟ,୨୬।୮ (ଅମିତାଭ ବେହେରା)

କୋରାପୁଟ ଆଦିବାସୀ ସଂଗ୍ରହାଳୟ ସଭାଗୃହରେ ଯାଜପୁରର ଗୋକର୍ଣ୍ଣିକା ସାହିତ୍ୟ ସମାଜ ସୁବର୍ଣ୍ଣ ଜୟନ୍ତୀ ସମ୍ବତ୍ସର ପାଳନ କରାଯାଇଥିଲା। ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କବି ଲକ୍ଷ୍ମୀକାନ୍ତ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କବି ଗୌତମ ଜେନା, ପ୍ରାବନ୍ଧିକ ରବୀନ୍ଦ୍ର ବେହେରା,କବି କୃଷ୍ଣ ସିଂ ଓ କବିୟତ୍ରି ପ୍ରୀତିଧାରା ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବି ଜଳଧର ସ୍ୱାଇଁ, ପ୍ରାବନ୍ଧିକା ରୁଦ୍ରାଣୀ ମହାନ୍ତି,କବି ଦୀନବନ୍ଧୁ ସାହୁ, କବି ରବି ଶତପଥୀ ଏବଂ ଅନୁବାଦକ ବିଜୟ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସମ୍ପାଦକ ମହେଶ୍ୱର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ର ଭାବେ କୋରାପୁଟ ପୁରସ୍କୃତ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି।

କୋରାପୁଟ,୨୬।୮
(ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡାରେ ଥିବା କୃଷି ବିଜ୍ଞାନକେନ୍ଦ୍ରକୁ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ୬୩ ତମ ପ୍ରତିଷ୍ଠା ଦିବସରେ ରାଜ୍ୟର ମୋଟ ୩୧ ବିଜ୍ଞାନ କେନ୍ଦ୍ର ମଧ୍ୟରୁ ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ରଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ପୁରସ୍କୃତ ହୋଇଛି । କୋରାପୁଟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ବିଶ୍ୱନାଥ ସାହୁ ଏହି ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କଠାରୁ ଗ୍ରହଣ କରିଛନ୍ତି। କୋରାପୁଟ ଜିଲା ଭଳି ଆଦିବାସୀ ବହୁଳ ଅଞ୍ଚଳରେ ବାସ କରୁଥିବା ଚାଷୀମାନଙ୍କ ପାଇଁ କୃଷି ଭିତ୍ତିକ ରୋଜଗାରର ବାଟ ଫିଟାଇବା ପାଇଁ କୋରାପୁଟ କୃଷି ବିଜ୍ଞାନ କେନ୍ଦ୍ର ଉତ୍କାର୍ଯ୍ୟ କରିଆସୁଛି । ଏହି ବିଜ୍ଞାନକେନ୍ଦ୍ରର ମୁଖ୍ୟ ଡ.ବିଶ୍ୱନାଥଙ୍କ ନିଜସ୍ୱ ଉଦ୍ୟମ ଯୋଗୁ ବିଜ୍ଞାନ କେନ୍ଦ୍ର ନବକଳେବର ହୋଇପାରିଛି। ଏହି ଉତ୍ସବ ଅବସରରେ ରାଜ୍ୟ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସଚିବ ଡ. ଅରବିନ୍ଦ ପାଢୀ, ଆଇସିଏଆର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ, ଓଏୟୁଟି କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ବର୍ଷ ଡ. ବିଶ୍ୱନାଥ ସାହୁ ମଧ୍ୟ ଶ୍ରେଷ୍ଠ ସମ୍ପ୍ରସାରଣ ବୈଜ୍ଞାନିକ ଭାବେ ପୁରସ୍କୃତ ହୋଇଥିଲେ ।


ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ପଞ୍ଚାୟତର ଶାନ୍ତି ଶିଶୁ ମନ୍ଦିରଠାରେ ଜନ୍ମାଷ୍ଟମୀ ଉପଲକ୍ଷେ ରାଧା, କୃଷ୍ଣ, ସୁଦାମା ଓ ଗୋପୀ ଗୋପାଳୁଣି ବେଶରେ ସଜ୍ଜିତ ପିଲାମାନେ। (ଫଟୋ- ପ୍ରସନ୍ନ କୁମାର ପଣ୍ଡା)

## ନିଳାଗୁଡା, ଡାଙ୍ଗରା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର ୨୬।୮ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଓ ଡାଙ୍ଗରା ଜଙ୍ଗଲରେ ବ୍ୟବସାୟୀମାନେ ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ପକ୍ଷରୁ ବହୁ ମଦ ଭାଟି ଭଙ୍ଗାଯିବା ସହ ଘଟଣାସ୍ଥଳରୁ ୧୬ ଶହ ଲିଟର ପୋଚ ଓ ୧୩୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି । ଦେଶୀ ମଦ ଚାଲାଣ କରୁଥିବା ସୂଚନା ପାଇ ତରଗିଆ ରାସ୍ତାରେ ଚଢାଉ କରି ସୁନାଧର କମାର ଓ କୁମ ଭୁମିଆଙ୍କଠାରୁ ୧୭ ଲିଟର ଦେଶି ମଦ ଜବତ କରାଯାଇଥିବା ଜୟପୁର ଅବକାରୀ ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି।

## ବାରହା ଆକ୍ରମଣରେ ଯୁବକ ଗୁରୁତର

ଦିଗପହଣ୍ଡି,୨୬।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କେ.ସାମନ୍ତରାପୁର ଗ୍ରାମ ନିକଟ ଷ୍ଟୋନ କ୍ରସର ନିକଟରେ ସୋମବାର ଭୋର ରେ ବାରହା ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହାତ ହୋଇଥିବା ଜଣାପଡିଛି।ଗୁରୁତର ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ମାଟିଆବୋରାଇ ଗ୍ରାମର ପି.ସନ୍ତୋଷ ରେଡ୍ଡୀ।

# କୋରାପୁଟର ବିଭିନ୍ନ ମନ୍ଦିରରେ ଜନ୍ମାଷ୍ଟମୀ

କୋରାପୁଟ,୨୬।୮
(ଅମିତାଭ ବେହେରା)

କୋରାପୁଟ ହାତୀଲାଇନସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ସୋମବାର ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏଥିନିମନ୍ତେ ମନ୍ଦିରକୁ ରଙ୍ଗବେରଙ୍ଗର ଆଲୋକମାଳରେ ସଜାଯାଇଥିବା ବେଳେ ଭକ୍ତଙ୍କ ଗହଣରେ ମନ୍ଦିରରେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ଏହି ଅବସରରେ ଏଠାରେ ଗୀତା ଓ ଭାଗବତ ପାଠ କାରାଯାଇଥିଲା । ମନ୍ଦିର ପରିଚାଳନା କମିଟି କୈଳାସ ଗୌଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ଦିରରେ ସକାଳ ୭ଟାରୁ ପୂଜାର୍ଚ୍ଚନା ହୋଇଥିଲା । ଜନ୍ମାଷ୍ଟମୀ ଉପଲକ୍ଷେ ରାତ୍ର ୭ ଟାରେ ହୋଇଥିବା ଆଳତିରେ ଶତାଧିକ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା ।

ସେହିପରି ଜନ୍ମାଷ୍ଟମୀ ରାତି ୧୨ ଟାରେ କୃଷ୍ଣ ଜନ୍ମ ଉତ୍ସବ ପାଳନ କରାଯିବାକୁ ନିତି ନିର୍ଘଣ୍ଟ କରାଯାଇଛି। ସମସ୍ତ ନିତୀ ମୁତାବକ ପୂଜାର୍ଚ୍ଚନା କରାଯାଉଥିବା ବେଳେ ପଣ୍ଡିତ ଗୌରୀ ଶଙ୍କର ଦାସ, ସୀମାଞ୍ଚଳ ମିଶ୍ର, ଜୟକଷ୍ଣ ମିଶ୍ର ଓ ପରମେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି କୋରାପୁଟ ସହରର ଶାବର ଶ୍ରୀକ୍ଷେତ୍ର ଏବଂ ହାଉସିଂ ବୋର୍ଡ କୋଲାନୀ ନିକଟରେ ଥିବା ବିଷ୍ଣୁ ମନ୍ଦିରରେ ମଧ୍ୟ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ମଙ୍ଗଳବାର ନନ୍ଦ ଉତ୍ସବ ପାଳିତ ହେବ ବୋଲି ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।


କୋରାପୁଟ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଉଛି ।

# ଜନ୍ମାଷ୍ଟମୀରେ ରାୟଗଡ଼ା ଜିଲା କୃଷ୍ଣମୟ


ବ୍ରାହ୍ମଣସାହିସ୍ଥିତ ରାଧାକାନ୍ତ ମନ୍ଦିରରେ ସୁସଜ୍ଜିତ ରାଧାକୃଷ୍ଣ।

ରାୟଗଡ଼ା,୨୬।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ସୋମବାର ମହାଆଡ଼ମ୍ବରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଜନ୍ମାଷ୍ଟମୀ ତଥା କୃଷ୍ଣଙ୍କ ଜନ୍ମ ତିଥି ଅବସରରେ ରାୟଗଡ଼ା ସହରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ପ୍ରବଳ ଭିଡ଼ ସହ କୃଷ୍ଣମୟ ପରିବେଶ ପରିଲକ୍ଷିତ ହୋଇଥିଲା । ମଙ୍ଗଳବାର ନନ୍ଦୋତ୍ସବ ପାଳନ ହେବା ନେଇ ମଧ୍ୟ ମନ୍ଦିରମାନଙ୍କରେ ପ୍ରସ୍ତୁତି ଚାଲିଛି । ରାୟଗଡ଼ା ସହରର ଦଧିବାମନ ମନ୍ଦିର, ଇନ୍ଦିରା ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ବ୍ରାହ୍ମଣ ସାହିସ୍ଥିତ ରାଧାକାନ୍ତ ମନ୍ଦିର, ପିଏଚ୍‌ଡିସ୍ଥିତ ଗୋବର୍ଦ୍ଧନ ମନ୍ଦିର, ଶ୍ରଦ୍ଧା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ଖେତାନଞ୍ଜି ତୋଟାସ୍ଥିତ କୃଷ୍ଣ ମନ୍ଦିରଠାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିଭଳି ଜେକେପୁର କୃଷ୍ଣମନ୍ଦିର, କୋଲନରା ଗୌରାଙ୍ଗ ମନ୍ଦିର, ଥେରୁବାଲି ଲକ୍ଷ୍ମୀନାରାୟଣ ମନ୍ଦିରଠାରେ ମଧ୍ୟ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିବା ସହ ପୂଜା କରିଥିଲେ। ଅପରପକ୍ଷରେ, ଜନ୍ମାଷ୍ଟମୀ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁନି କୁନି ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇଥିଲେ।

## ଶ୍ରୀକୃଷ୍ଣ ମନ୍ଦିରରେ ଭକ୍ତଙ୍କ ଭିଡ଼


ଟ୍ରେଜେରି ନିକଟ ରାଧାକୃଷ୍ଣ ମନ୍ଦିରରେ ଭକ୍ତ ସନ୍ଧ୍ୟା ଦର୍ଶନ କରୁଛନ୍ତି।

ଗୁଣପୁର, (ପ୍ରଦୀପ କୁମାର ପାଢ଼ୀ )

ଜନ୍ମାଷ୍ଟମୀ ଲାଗି ଗୁଣପୁରର ବିଭିନ୍ନ ବିଷ୍ଣୁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା । ଟ୍ରେଜେରି ଅଫିସ ନିକଟ ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର, ମଦନ ମୋହନ ଏବଂ ବିକ୍ରମପୁରସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଯଥା ରୀତି ଶ୍ରୀ କୃଷ୍ଣଙ୍କ ଜନ୍ମଦିନ ଧୁମଧାମର ସହ ପାଳନ ହୋଇଥିଲା । ମଙ୍ଗଳବାର ଟ୍ରେଜେରି ନିକଟ ରାଧାକୃଷ୍ଣ ମନ୍ଦିରରେ ନନ୍ଦ ଉତ୍ସବ ସହ ନୟାଗଡ଼ର ପାଲା ଅନୁଷ୍ଠିତ ହେବ ବୋଲି କୁହାଯାଇଛି ।

# ରାଧା କୃଷ୍ଣ ବେଶରେ ପିଲାଙ୍କ ଚାରା ରୋପଣ

ପଦ୍ମପୁର, (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକସ୍ଥିତ ଉ-କୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ବଗିଚାରେ ଚାରାରୋପଣ କରି ଏକ ନିଆରା ଢଙ୍ଗରେ ଜନ୍ମାଷ୍ଟମୀ ପଳନ କରାଯାଇଛି । ବିଦ୍ୟାଳୟ କମିଟି ସଦସ୍ୟ, ସ୍ଥାନୀୟ ଜଙ୍ଗଲ ବିଭାଗ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର କର ୩ଜଣ ଛାତ୍ରୀଛାତ୍ରଙ୍କୁ ଶ୍ରୀକୃଷ୍ଣ, ବଳରାମ ଓ ରାଧା ବେଶ କରାଇ ସେମାନଙ୍କ ଦ୍ୱାରା ଚାରା ରୋପଣ କରିଥିଲେ। ଶ୍ରୀକୃଷ୍ଣ ବେଶଧାରୀ ୨ୟ ଶ୍ରେଣୀ ଛାତ୍ର ଆଦର୍ଶମାନ ସାହୁ କୃଷ୍ଣଚୁଡ଼ା ଓ ରାମଫଳ ଚାରା , ଶ୍ରୀରାଧା ବେଶଧାରୀ ୧ମ ଶ୍ରେଣୀ ଛାତ୍ରୀ ରୁପାଲି ସାହୁଙ୍କ ଦ୍ୱାରା ରାଧାଚୁଡ଼ା ଓ ସୀତାଫଳ ଚାରା, ବଳରାମ ବେଶଧାରୀ ୩ୟ ଶ୍ରେଣୀ ଛାତ୍ର ଆକାଶ ସାହୁଙ୍କ ଦ୍ୱାରା ଲକ୍ଷ୍ମଣ ଫଳ ଓ ରକ୍ତ ଚନ୍ଦନ ଚାରା ରୋପଣ କରିଥିଲେ। ପରେ ନିମନ୍ତ୍ରିତ ମୁଖ୍ୟ ଅତିଥି ପଦ୍ମପୁର ଫରେଷ୍ଟର ମାଝୀ ମହାପାତ୍ର ବୃକ୍ଷକୁ ପୁଅଝିଅଙ୍କ ପରି ଯତ୍ନ ନେଲେ ତା' ଉପକାର ପାଇବା ବୋଲି ଜଣାଇ ଆମ୍ବ, ପଣସ, ତେଜପତ୍ର, ଶାଗୁଆନ ଇତ୍ୟାଦି ଚାରାରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ବୃନ୍ଦାବନ ଲାବଲା, ମଧୁସୂଦନ ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଆର୍. ଆରତୀ, ରେଣୁବାଳା ନାୟକ, ବନିତା ନାୟକ, ସି.ଆର.ସି.ସି ମୋହନ ରାଓ ମାଲା ଏବଂ ବିଦ୍ୟାଳୟ କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର, ପ୍ରଶାନ୍ତ ସାହୁ, ଜୁର ସାହୁ, ବିଶିକେଶନ ସାହୁ, ରାଧା ସାହୁ ଓ ସସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ରାଧା,କୃଷ୍ଣ ଏବଂ ବଳରାମ ବେଶରେ ସଜ୍ଜିତ ଛାତ୍ରୀଛାତ୍ରଙ୍କ ସହ ଅତିଥି।

